## ସଂକ୍ଷେପରେ

### ସୁରେଶ ଏମ୍‌ପିଙ୍କ କୋଷାଗୁମୁଡ଼ା ବ୍ଲକ୍ ପ୍ରତିନିଧି

କୋଷାଗୁମୁଡ଼ା, ୧୭।୨ (ପ୍ରସାଦ ବିଷୋୟୀ)



ନବରଙ୍ଗପୁର ଜିଲ୍ଲା । କୋଷାଗୁମୁଡ଼ା ବ୍ଲକ ଏମ୍‌ପିଙ୍କ ପ୍ରତିନିଧିଭାବେ ସୁରେଶ କୁମାର ପାତ୍ର ମନୋନୀତ ହୋଇଛନ୍ତି। ଏମ୍‌ପି ବଳଭଦ୍ର ମାଝୀ ଫେବୃଆରୀ ୧୩ରେ ଏକ ଚିଠି ମାଧ୍ୟମରେ ବିଡିଓଙ୍କୁ ଏ ନେଇ ଜଣାଇଛନ୍ତି। ଏମ୍‌ପି ବଳଭଦ୍ର ମାଝୀ, ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାଶ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କୁ ସୁରେଶ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ଏକ୍ସ-କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ସ୍ୱାଗତ



ବିଇଓଙ୍କୁ ଶିକ୍ଷକ ସଂଘ ସଦସ୍ୟମାନେ ସ୍ୱାଗତ କରୁଛନ୍ତି।

ଡାବୁଗାଁ, ୧୭।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ବ୍ଲକ୍ ସହକାରୀ ଶିକ୍ଷକ (ଏକ୍ସ-କ୍ୟାଡର) ସଂଘ ସଦସ୍ୟମାନେ ତରଫରୁ ସୋମବାର ଅପରାହ୍ନ ୫ଟାରେ ନୂତନ ବିଇଓ ସୁଶ୍ରୀ ରଶ୍ମିତା ନେତମଙ୍କୁ ସ୍ୱାଗତ କରିଛନ୍ତି। ଏହି ସମୟରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମାଝି, ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା, ସମ୍ପାଦକ ଜିତେନ୍ଦ୍ର କୁମାର ମାଝି ଓ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକମାନେ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଶିକ୍ଷକ ମୃତ

ନବରଙ୍ଗପୁର, ୧୭।୨ (ସଦାଶିବ ପ୍ରହରାଜ)

କୋଷାଗୁମୁଡା-ନବରଙ୍ଗପୁର ମୁଖ୍ୟ ରାସ୍ତାର ମଦେଗାଁ ଛକରେ ସୋମବାର ଅପରାହ୍ନ ୧ଟାରେ ୨ ବାଇକ୍ ମୁହାଁମୁହିଁ ହୋଇଥିଲା। ଏଥିରେ ନାୟକଗୁଡ଼ା ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଲାଇବାନ ମାଝୀଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ଶିକ୍ଷକ ଲାଇବନ ମାଝୀ ଏକ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ସାମ୍ନା ପଟୁ ଆଉ ଏକ ବାଇକ୍‌ରେ ଯାଉଥିବା ପଇତଗୁଡ଼ା ଗ୍ରାମର ଭୀମ ବଡ଼େଇଙ୍କ ସହ ତାଙ୍କର ଧକ୍କା ହୋଇଥିଲା। ଏଥିରେ ଶିକ୍ଷକ ଲାଇବନଙ୍କ ସହ ଭୀମ ଗୁରୁତର ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୀମଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଦୁଇଟି ଜବତ କରିଛି। ଶିକ୍ଷକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ୨୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର କହିଛନ୍ତି।

# ଜିଲ୍ଲାର ୭୧ ବରିଷ୍ଠ ନାଗରିକଙ୍କ କୋଲକାତା ଯାତ୍ରା

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ମାଲକାନଗିରି, ୧୭।୨ (ଦୁର୍ଯ୍ୟୋଧନ ପାତ୍ର)



ରାୟଗଡ଼ା ଅଭିମୁଖେ ବାହାରିଥିବା ତୀର୍ଥଯାତ୍ରୀ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୧ ଜଣ ବରିଷ୍ଠ ନାଗରିକ କୋଲକାତା ଓ ଆସାମର ଗୁଆହାଟୀ ନିକଟବର୍ତ୍ତୀ କାମାକ୍ଷା ଶକ୍ତିପୀଠ ଦର୍ଶନ ଅଭିମୁଖେ ବାହାରିଛନ୍ତି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ସୋମବାର ସ୍ଥାନୀୟ କ୍ରୀଡା ଭବନରୁ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଲୋକ ସଭା ସଦସ୍ୟ ପ୍ରତିନିଧି ସଞ୍ଜୟ ସରକାର, ଜିଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ସମସ୍ତ ଯାତ୍ରୀ ପ୍ରଥମେ ରାୟଗଡାରେ ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ମଙ୍ଗଳବାର ରାୟଗଡା ରେଳ ଷ୍ଟେଶନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ । ଜିଲାପାଳ ସମସ୍ତ ତୀର୍ଥଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ମନୁଷ୍ୟ ଜୀବନକାଳ ମଧ୍ୟରେ ପୁଣ୍ୟ ତୀର୍ଥ କ୍ଷେତ୍ର ପରିଦର୍ଶନ କରିବାର ପରମ୍ପରା ରହିଛି। ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲାର ୭୧ ଜଣ ବରିଷ୍ଠ ନାଗରିକଙ୍କ କୋଲକାତା ଓ ଗୁଆହାଟୀସ୍ଥିତ କାମାକ୍ଷା ଶକ୍ତିପୀଠ ପରିଦର୍ଶନର ସ୍ୱପ୍ନ ପୂରଣ ହୋଇଯାଇଛି ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତରଫରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ୍, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରା ଯାଇଛି।

୭୧ ଜଣଙ୍କ ମଧ୍ୟରୁ ୩୩ ଜଣ ପୁରୁଷ ରହିଥିବା ବେଳେ ୩୮ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି। ମାଲକାନଗିରି ଜିଲାରୁ ଏସ୍କର୍ଟ ଅଧିକାରୀ ଭାବେ ସଦର ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ରାଜସ୍ୱ କର୍ମଚାରୀ ରବୀନ୍ଦ୍ରନାଥ ନାୟକ ସାଥିରେ ଗସ୍ତ କରିଛନ୍ତି। ବିଶେଷ ଭାବେ ଆର୍ଥିକ ଭାବେ ଦୁର୍ବଳ ଥିବା ବରିଷ୍ଠ ନାଗରିକ ଏହି ଯୋଜନା ମାଧ୍ୟମରେ ତୀର୍ଥ ଯାତ୍ରା କରିବାର ସୁଯୋଗ ପାଇଥାନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ସନ୍ତୋଷ ବିଶ୍ୱାସ ସହଯୋଗ କରିଥିଲେ।

## ଜଣେ ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୧୭।୨ (ଦୁର୍ଯ୍ୟୋଧନ ପାତ୍ର)



ଗିରଫ ମାଓବାଦୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଜଣେ ମାଓବାଦୀଙ୍କୁ ଗିରଫକରିବା ସହ ତାଙ୍କ ନିକଟରୁ ବ୍ୟାପକ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଗିରଫ ମାଓବାଦୀ ହେଲେ ପଡିୟମ ଭୀମା । ସେ ମାଓବାଦୀ ସଙ୍ଗଠନର ସୁରପନଗୁଡା ଆର୍‌ପିସି ଜନତାନା ସରକାର ଉପାଧ୍ୟକ୍ଷ ପଦରେ ଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ନର୍ସାପୁର ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ସୁକ୍‌ମା ଜିଲା ଚିନ୍ତଲନା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିଲା। ଏହି ସମୟରେ ମଲେବାଗୁ ନାଲା ନିକଟରେ କେତେଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଲିସକୁ ଦେଖି ଲୁଚିବା ପାଇଁ ଚେଷ୍ଟା କରୁଥିବା ବେଳେ ପୋଲିସ ଘେରାବନ୍ଦୀ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଅନ୍ୟ ୪ ଜଣ ବ୍ୟକ୍ତି ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ଗିରଫ ମାଓବାଦୀଙ୍କ ନିକଟରୁ ଗୋଟିଏ ବ୍ୟାଗ୍‌ରେ ଥିବା ୪ଟି ଜିଲାଟିନ ରଡ୍, ଗୋଟିଏ କୋଡେକ୍ସ ତାର, ୪ ମାଓବାଦୀ ପୋଷ୍ଟର ଜବତ କରିଛି। ରାସ୍ତାରେ ଏହି ବିସ୍ଫୋରକ ସାମଗ୍ରୀ ବିଛାଇବା ସହ ପୋଷ୍ଟରଗୁଡିକ ଆଖପାଖ ଗ୍ରାମରେ ଲଗାଇବା ପାଇଁ ଆଣିଥିବା ମାଓବାଦୀ ଜଣକ ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ଗିରଫ ମାଓବାଦୀଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ୨୯ ଅଭିଯୋଗ ଶୁଣିଲେ ଜିଲାପାଳ

କାଲିମେଲା, ୧୭।୨ (ଜୀବନକୃଷ୍ଣ ଦାସ)



ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ସାଧାରଣ ଲୋକଙ୍କଠାରୁ ୨୯ଟି ଅଭିଯୋଗପତ୍ର ଗ୍ରହଣକରି ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ଭି. ବିନୋଦ ପାଟିଲ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ୀ, ଜିଲା ପରିଷଦ ସଭ୍ୟା ମମତା ପଡିଆମି, କାଲିମେଲା ବିଡିଓ ପ୍ରଦୀପ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲା ଏବଂ କାଲିମେଲା ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ବିଶେଷକରି ରାସ୍ତାଘାଟ, ଅଙ୍ଗନୱାଡି, ବଡ ଯାତ୍ରା ପୂଜା ମଣ୍ଡପ, ରାଶନ କାର୍ଡ ସମସ୍ୟା, ଭତ୍ତା ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର, ସରକାରୀ ସାହାଯ୍ୟ ସହ ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ, ସାମୂହିକ ଅଭିଯୋଗରହିଥିଲା। ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ନିମନ୍ତେ କାଲିମେଲା ପଞ୍ଚାୟତ ସମିତି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିଲା ।

## କାଲିମେଲାରେ ଅବକାରୀ ଥାନା ଉଦ୍‌ଘାଟିତ

କାଲିମେଲା, ୧୭।୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ପୁସୁଗୁଡ଼ା ପେଟ୍ରୋଲ ପମ୍ପ ନିକଟରେ ସୋମବାର ଏକ ସ୍ଥାୟୀ ଅବକାରୀ ଥାନା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଈଶ୍ୱର ଆଶିଷ ପାଟିଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥାନା ଉଦ୍‌ଘାଟନ କରିଥିଲେ। ଏହି ସମୟରେ ମାଲକାନଗିରି ଅବକାରୀ ଅଧୀକ୍ଷକ ବିଧ୍ୟାଧର ପଣ୍ଡା, କାଲିମେଲା ବିଡିଓ ପ୍ରଦୀପ କୁମାର କର, ଜିଲା ମୁଖ୍ୟ ଉନ୍ନୟନ ଏବଂ ନିର୍ମାଣ ଅଧିକାରୀ ନରେଶ ଚନ୍ଦ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଭାରପ୍ରାପ୍ତ ଥାନାଧିକାରୀଭାବେ ଏସ୍‌ଆଇ ଦୀପକ କୁମାର ସାମଲ ଦାୟିତ୍ୱ ନେଇଥିବାବେଳେ ତାଙ୍କ ସହ ୨ଜଣ କନ୍‌ଷ୍ଟେବଲଙ୍କୁ ନିଯୁକ୍ତି ଦିଆଯାଇଛି।




କାଲିମେଲାସ୍ଥିତ ନୂତନ ଅବକାରୀ ଥାନା।

ସୂଚନାନୁଯାୟୀ, ପୂର୍ବରୁ ଅସ୍ଥାୟୀଭାବେ ଏକ ସରକାରୀ ସ୍ଥାନରେ ଅବକାରୀ ଥାନା ଚାଲିଥିଲା। ଦିନକୁ ଦିନ ବୃଦ୍ଧି ପାଉଥିବା ଅବକାରୀ ମାମଲା ଯୋଗୁ ଗୋଟିଏ ନିଜସ୍ୱ ଅବକାରୀ ଥାନା ପ୍ରତିଷ୍ଠା ପାଇଁ ଚେଷ୍ଟା ଚାଲିଥିଲା। କାଲିମେଲା ଅଞ୍ଚଳରେ ଅବକାରୀ ସାମଗ୍ରୀ ଚୋରି ଓ ଅପରାଧ ରୋକିବା ପାଇଁ ଏହି ଥାନା କାର୍ଯ୍ୟ କରିବ। ତେବେ ଅଞ୍ଚଳରେ ଚୋରା ମଦ ବିକ୍ରି ଏବଂ ଦେଶୀ ମଦ କାରବାର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଥାନା କାଲିମେଲା ଓ ପଡିଆ ବ୍ଲକ ପାଇଁ କାର୍ଯ୍ୟ କରିବ।

## ଲ୍ୟାଣ୍ଡମାଇନ ସଂସ୍ପର୍ଶରେ ଆସି ଯବାନ ଆହତ

ମାଲକାନଗିରି, ୧୭।୨ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବୋମା ସଂସ୍ପର୍ଶରେ ଆସି କୋବ୍ରା ବାହିନୀର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଅରୁଣ କୁମାର ଯାଦବ । ସାଥୀ ଯବାନମାନେ ତାଙ୍କୁ ଉଦ୍ଧାରକରି ପ୍ରାଥମିକ ଚିକିତ୍ସା ପରେ ଉତ୍ତମ ଚିକିତ୍ସା ନିମନ୍ତେ ରାୟପୁରକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ବିସ୍ଫୋରଣ ପରେ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ବିଜାପୁର ଜିଲା ଭସୁର ଥାନା ଅଞ୍ଚଳରେ କୋବ୍ରା ବାହିନୀ ପକ୍ଷରୁ ତଲାସୀ ଅଭିଯାନ ଚାଲିଛି। ଏହାର ପ୍ରତିବାଦରେ ମାଓବାଦୀମାନେ ଯବାନଙ୍କ ଯିବା ରାସ୍ତାରେ ଏକ ଆଇଇଡି ବୋମା ବିଛାଇଥିଲେ। ଏହି ପରିପ୍ରେକ୍ଷୀରେ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଆଇଇଡି ବୋମା ଉପରେ ଜଣେ ଯବାନଙ୍କ ପାଦ ପଡିଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ଫଳରେ ଯବାନ ଜଣକ ଗୁରୁତର ଆହତ ହୋଇଛନ୍ତି।

## ଧାନମଣ୍ଡିର ଟାର୍ଗେଟ ବୃଦ୍ଧି ନେଇ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୧୭।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗରି ଜିଲା ଶିଖପାଲ୍ଲୀ ଧାନ ମଣ୍ଡିରେ ଟାର୍ଗେଟ ବୃଦ୍ଧି କରିବା ନିମନ୍ତେ ଶିଖପାଲ୍ଲୀ ଓ ଗୋରାଖୁଣ୍ଟା ଚାଷୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨ଦିନ ମଧ୍ୟରେ ଧାନମଣ୍ଡି ଟାର୍ଗେଟକୁ ୧୭ ହଜାର କୁଇଣ୍ଟାଲକୁ ବର୍ଦ୍ଧିତ କରା ନ ଗଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ମାଲକାନଗିରି ଜିଲା ଶିଖପାଲ୍ଲୀ ଓ ଗୋରାଖଣ୍ଟା ପଞ୍ଚାୟତର ଧାନମଣ୍ଡି ଶିଖପାଲ୍ଲୀଠାରେ ଅନୁଷ୍ଠିତ ହେଉଛି। ବର୍ତ୍ତମାନ ସୁଦ୍ଧା ବହୁ ଚାଷୀଙ୍କଠାରୁ ପ୍ରାୟ ୨୫ ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇଥିଲେ ସୁଦ୍ଧା ଚାଷୀଙ୍କ ଆହୁରି ୧୭ ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇ ପାରିନାହିଁ। ମଣ୍ଡିର ଧାନ କିଣା ଟାର୍ଗେଟ ବୃଦ୍ଧି କରିବା ପାଇଁ ପୂର୍ବରୁ ଦୁଇଥର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳନାହିଁ। ଫଳରେ ଧାନ ବିକ୍ରି ହୋଇ ନ ପାରିବାରୁ ଚାଷୀ କ୍ଷତି ସହିବାର ଆଶଙ୍କା ରହିଛି। ଏଥିସହ ଏବେ ଗ୍ରୀଷ୍ମ ପ୍ରଭାବ ବଢୁଥିବାରୁ ଚାଷୀଙ୍କ ଧାନ ଖରାରେ ପଡି ରହିଛି ଓ ଏହି ଧାନ ନଷ୍ଟ ହେବାରେ ଲାଗିଛି। ତେଣୁ ଆସନ୍ତା ୨ଦିନ ମଧ୍ୟରେ ଧାନମଣ୍ଡି ଟାର୍ଗେଟ ବୃଦ୍ଧି କରା ନ ଗଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗୋରାଖଣ୍ଟା ପୂର୍ବତନ ସରପଞ୍ଚ ଏରା ପଡିଆମି, ଜିଲା ପରିଷଦ ସଦସ୍ୟ ମୁକା ମାଡକାମି, ଯୁବ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମାଡି, ସୁକଲାଲ ଗାଇନ, ବ୍ରଜେନ ମଜୁମଦାର, ଇର୍ମା ମାଡି, ଭୀମା ରାବାଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ ପ୍ରତିନିଧି।

## ମହାଶିବରାତ୍ରି ପାଳନ ନେଇ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୭।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ କେଲିଆ ଶୈବପୀଠରେ ମହାଶିବରାତ୍ରି ପାଳନ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ଦେବରାଜ ପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାଶିବରାତ୍ରି କିଭଳି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ଏ ନେଇ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ବୈଠକରେ ମନ୍ଦିର ଉନ୍ନୟନ କମିଟି କୋଷାଧ୍ୟକ୍ଷ ଜି. ସାଇ ରାଜୁ, ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ନାୟକ, ନରସିଂହ ମାଝୀ, ଭାଗୀରଥି ମାଝି, ପଦ୍ମଚରଣ ମାଝି, କର୍ଣ୍ଣ ଭତ୍ରା, କର୍ଣ୍ଣ ମାଝି ଏବଂ ଚଚରାଗୁଡ଼ା, ଅଞ୍ଚଳା ଓ ମେଦନା ପଞ୍ଚାୟତର ଅନେକ ସାମାଜିକ କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ଆଲୋଚନା ଚାଲିଛି।

# ୨୧ ବ୍ୟକ୍ତିଗତ, ୧୩ ସାମୂହିକ ଅଭିଯୋଗର ଶୁଣାଣି

ନବରଙ୍ଗପୁର, ୧୭।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ସମ୍ମିଳନୀ ଗୃହରେ ଜିଲାପାଳ



ଜିଲାପାଳ ପିଲାମାନଙ୍କୁ ପଢାଉଛନ୍ତି ।

ଡ. ଶୁଭଙ୍କର ମହାପାତ୍ର ଏବଂ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରକାଶ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବିଡିଓ ଆଶିଷ ତ୍ରିପାଠୀଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୩୪ଜଣ ଆବେଦନକାରୀ ନିଜ ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୧ ବ୍ୟକ୍ତିଗତ ଓ ୧୩ଟି ସାମୂହିକ ସମସ୍ୟା ଥିଲା। ଜନଶୁଣାଣି ପରେ ଜିଲାପାଳ

## ଆବାସିକ ହଷ୍ଟେଲ ନିର୍ମାଣ କଥା ବୁଝିଲେ, ପିଲାଙ୍କୁ ପଢ଼ାଇଲେ ଜିଲାପାଳ

ଦୂରାଗାଁ ସ୍ଥିତ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଆବାସିକ ହଷ୍ଟେଲ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହାପରେ ବୋରୋଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ପିଲାମାନଙ୍କୁ ଓଡ଼ିଆ ଏବଂ ଇଂରାଜୀ ପଢ଼ାଇଥିଲେ। ଜଳ ବିଶୋଧନ ପ୍ଲାଣ୍ଟ ଅଧିକାରୀଙ୍କୁ ଠିକ୍ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ।



ହଷ୍ଟେଲ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଜିଲାପାଳ ପଚାରି ବୁଝୁଛନ୍ତି।

# ରାୟଗଡ଼ା ଅଭିମୁଖେ ଯାତ୍ରାକଲେ ୧୩୦ ବରିଷ୍ଠ ନାଗରିକ




ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପତାକା ଦେଖାଇ ବସ୍ ଯାତ୍ରା ଶୁଭାରମ୍ଭ କରୁଛନ୍ତି ।

ନବରଙ୍ଗପୁର, ୧୭।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁରରୁ ୧୩୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି। ସେମାନେ ସୋମବାର ୪ଟି ବସ୍‌ରେ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ମଙ୍ଗଳବାର କୋଲକାତା ଓ କାମାକ୍ଷା ଯିବେ। ବରିଷ୍ଠ ନାଗରିକଙ୍କ ବସ୍‌କୁ ନବରଙ୍ଗପୁର ମିଶନ ଶକ୍ତି ଗୃହ ପରିସରରେ ସୋମବାର ଅପରାହ୍ନ ୪ଟା ୩୦ରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ତୀର୍ଥଯାତ୍ରୀଙ୍କ ଶୁଭମନାସି ଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ୍, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ତୀର୍ଥଯାତ୍ରୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଆଜି ଟ୍ରେନ୍ ଯୋଗେ ଯିବେ କୋଲକାତା, କାମାକ୍ଷା

ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ପଞ୍ଜୀକୃତ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ବରିଷ୍ଠ ନାଗରିକଙ୍କମାନେ ସକାଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯାତ୍ରା ପାଇଁ ଯୋଗ୍ୟ ବିବେଚିତ ତୀର୍ଥ ଯାତ୍ରୀମାନେ ୪ଟି ବସ୍‌ରେ ରାୟଗଡ଼ା ଅଭିମୁଖେ ବାହାରିଛନ୍ତି। ମଙ୍ଗଳବାର ରାୟଗଡ଼ା ଷ୍ଟେଶନରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିବେ। ସେମାନେ ୨୩ରେ ଫେରିବେ। ତୀର୍ଥଯାତ୍ରୀମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତ ସୁବିଧା ପାଇଁ ୫ଜଣ ପିଇଟି ଶିକ୍ଷକଙ୍କୁ ନୋଡାଲ ଅଧିକାରୀଭାବେ ନିଯୁକ୍ତ କରାଯାଇଛି। ଏହି ସମାରୋହରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ।

### ଉମରକୋଟରୁ ତୀର୍ଥ କରିବାକୁ ଗଲେ ୯ ବରିଷ୍ଠ ନାଗରିକ

ଉମରକୋଟ (ସନ୍ତୋଷ ଶତପଥୀ)

ନବରଙ୍ଗପୁରରୁ ରାୟଗଡ଼ା ଯାଇଥିବା ୧୩୦ ତୀର୍ଥ ଯାତ୍ରୀଙ୍କ ମଧ୍ୟରେ ଉମରକୋଟ ପୌରାଞ୍ଚଳରୁ ୯ ଜଣ (୩ ପୁରୁଷ, ୬ ମହିଳା) ଅଛନ୍ତି। ସେମାନେ ଉମରକୋଟରୁ ନବରଙ୍ଗପୁରେ ପହଞ୍ଚିବା ପରେ ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ରାୟଗଡ଼ା ଅଭିମୁଖେ ଯାତ୍ର କରିଛନ୍ତି। ଏହି ଉପଲକ୍ଷେ ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରାଧା ଭତ୍ରା ଉପସ୍ଥିତ ରହି ସମସ୍ତ ତୀର୍ଥଯାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।




ଉମରକୋଟରେ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ସହ ତୀର୍ଥ ଯାତ୍ରାରେ ବାହାରିଥିବା ବରିଷ୍ଠ ନାଗରିକମାନେ।

# ଅଭିଯୋଗର ଯାଞ୍ଚ କଲେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ

■ ହଷ୍ଟେଲରେ ଅବ୍ୟବସ୍ଥା ଅଭିଯୋଗ

■ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି କଲେ ଅଭିଭାବକ

ପଟ୍ଟାଙ୍ଗି,୧୭।୨(ଶରତ କୁମାର ଧଳ)



ଗ୍ରାମବାସୀ ଓ ଅଭିଭାବକ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ନୁଆଁଗା ପଞ୍ଚାୟତ ସଦର ମହକୁମାରେ ଥିବା ଉନ୍ନତି ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀ ଅସୁରକ୍ଷିତ ହୋଇଥିବା ଅଭିଯୋଗ ହୋଇଥିଲା। ସୋମବାର ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ ସେଠୀ ବିଦ୍ୟାଳୟରେ ପହଞ୍ଚି ଅଭିଯୋଗ ସମ୍ପର୍କରେ ଶିକ୍ଷକ ଏବଂ ହଷ୍ଟେଲ୍ ୱାର୍ଡେନ୍‌ଙ୍କଠାରୁ ପଚାରି ବୁଝିଥିଲେ। ଅଭିଭାବକ ଓ ଗ୍ରାମବାସୀ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ନିୟତି ମଲ୍ଲିକଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ କରି ତାଙ୍କର ବଦଳି ଦାବି କରିଛନ୍ତି।

ସୂଚନା ଅନୁଯାୟୀ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍ ରହିଛି। ଶନିବାର ବିଳମ୍ବିତ ରାତିରେ କେତେକ ଅସାମାଜିକ ଯୁବକ ଉକ୍ତ ବିଦ୍ୟାଳୟର ପାଚେରୀ ଡେଇଁ ହଷ୍ଟେଲ୍‌ର ଜଣେ ଛାତ୍ରୀଙ୍କୁ ଡାକି କଥା ହେଉଥିବା ନୁଆଁଗା ପଞ୍ଚାୟତ ଗାଲିଗାବଡର ଗ୍ରାମର କେତେକ ଯୁବକ ଦେଖିଥିଲେ। ସେମାନେ ଯୁବକମାନଙ୍କୁ କାବୁ କରି ଛାତ୍ରୀଙ୍କ ପରିବାରକୁ ଖବର ଦେଇଥିଲେ। ରବିବାର ଗାଲିଗାବଡର ଗ୍ରାମର ଯୁବକ, ଅଟକ ଥିବା ଯୁବକ ଏବଂ ଛାତ୍ରୀ ଜଣଙ୍କୁ ଡକାଇ ସମସ୍ତଙ୍କ ଉପସ୍ଥିତିରେ ପଚାରି ବୁଝିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କୌଣସି ବାଟ ବାହାରି ନ ଥିଲା। ଏ ନେଇ ଗଞ୍ଜେଇ ପଦର, ଗାଲିଗାବଡର ଓ ନୁଆଁଗା ଆଦି ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ସମାଧାନ ହୋଇପାରି ନ ଥିଲା। ସୋମବାର ପୁଣି ଏକ ବୈଠକ କରାଯାଇଥିବା ବେଳେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ ସେଠୀ ବିଦ୍ୟାଳୟରେ ପହଞ୍ଚି ଏ ସମ୍ପର୍କରେ ଶିକ୍ଷକ ଏବଂ ହଷ୍ଟେଲ୍ ୱାର୍ଡେନ୍‌ଙ୍କୁ ପଚାରି ବୁଝିଥିଲେ। ପଟ୍ଟାଙ୍ଗି ପୋଲିସ ଖବର ପାଇ ବିଦ୍ୟାଳୟରେ ପହଞ୍ଚି ଖୋଳତାଡ ଆରମ୍ଭ କରି ହଷ୍ଟେଲରେ ପଶିଥିବା ଯୁବକମାନଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ଛାତ୍ରୀ ଜଣକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ବିଭିନ୍ନ ଆଦିବାସୀ ସଂଗଠନ ପହଞ୍ଚି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଚେଷ୍ଟା କରିଛନ୍ତି। ହଷ୍ଟେଲରେ ଘଟୁଥିବା ଏମିତି ଘଟଣା ସଂଗଠନ ଏବଂ ଅଭିଭାବକ ପ୍ରଧାନ ଶିକ୍ଷୟିତ୍ରୀ ନିୟତି ମଲ୍ଲିକଙ୍କୁ ଦାୟୀ କରିଛନ୍ତି। ହଷ୍ଟେଲ୍ ପରିଚାଳନା ପାଇଁ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀଙ୍କୁ ନେଇ ରୋଟେସ୍ କରି ହଷ୍ଟେଲ୍ ଚଲାଇବା, ୱାର୍ଡେନ୍‌ଙ୍କ ସହ ଜଣେ ମହିଳା ଶିକ୍ଷୟିତ୍ରୀ ଦାୟିତ୍ୱରେ ରହିବା ନିୟମ ରହିଛି। ପ୍ରଧାନଶିକ୍ଷୟିତ୍ରୀ ମଲ୍ଲିକ ନିୟମ ଉଲ୍ଲଙ୍ଘନ କରି ଦୁଇବର୍ଷ ହେଲା କାହିଁକି ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଘଟଣାକୁ ଦୃଷ୍ଟିରେ ନ ରଖି ପ୍ରଧାନଶିକ୍ଷୟିତ୍ରୀ ମଲ୍ଲିକ୍ ବିନା ଛୁଟି ଦରଖାସ୍ତରେ ଶନିବାରଠାରୁ ବୁଧବାର ପର୍ଯ୍ୟନ୍ତ ଅନୁପସ୍ଥିତ ରହିବାର ଉଦ୍ଦେଶ୍ୟ କ'ଣ ବୋଲି ଗ୍ରାମବାସୀ ଓ ଅଭିଭାବକ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସେଠୀଙ୍କୁ ପ୍ରଶ୍ନ କରିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦୁଇ ପୃଷ୍ଠାର ଏକ ଦାବିପତ୍ର ଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଛନ୍ତି। ଉକ୍ତ ବିଦ୍ୟାଳୟ ପ୍ରାଥମିକ ଶିକ୍ଷା ବିଭାଗ ଅଧିନରେ ଥିବା ବେଳେ ଘଟଣାକୁ ନେଇ ବ୍ଲକଠାରୁ ଆରମ୍ଭ କରି ଜିଲା ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ନୀରବ ଥିବା, ମଙ୍ଗଳ ବିଭାଗ ପକ୍ଷରୁ ହଷ୍ଟେଲରେ ରହୁଥିବା ଛାତ୍ରୀମାନଙ୍କ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସହାୟତା ଯୋଗାଇ ଦିଆଯାଉଛି। ଛାତ୍ରୀମାନଙ୍କୁ ଦେଖାଶୁଣା କରିବା ପାଇଁ ୱାର୍ଡେନ୍ ଯୋଗାଇ ଦିଆଯାଇଥିବା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସେଠୀ କହିଛନ୍ତି। ଘଟଣା ସମ୍ପର୍କରେ ଏକ ତଦନ୍ତ ରିପୋର୍ଟ ଜିଲା ପ୍ରଶାସନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମଲ୍ଲିକଙ୍କୁ ପଚାରିବାରୁ ମୋ ବିରୋଧରେ କରାଯାଇଥିବା ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ, ମୁଁ ମୋର ଦାୟିତ୍ୱ ଭଲ ଭାବେ ତୁଲାଇ ଆସୁଛି ବୋଲି ସେ କହିଛନ୍ତି।

## ଶିବ ମୁଦୁଲି କୋରାପୁଟ ଜିଲା ଭାଜପା ସଭାପତି

କୋରାପୁଟ,୧୭।୨(ଅମିତାଭ ବେହେରା)



କୋରାପୁଟ ଜିଲାର ଆଦିବାସୀ ନେତା ଶିବ ମୁଦୁଲିଙ୍କୁ ଭାଜପା ଜିଲା ସଭାପତି ଘୋଷଣା କରାଯାଇଛି। ରାଜ୍ୟ ଭାଜପାର ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। କୋରାପୁଟ ଜିଲା ଭାଜପା କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବତନ ଜିଲା ଭାଜପା ସଭାପତି ବିଜୟ କୁମାର ମିଶ୍ର, କୋରାପୁଟ ନଗର ସଭାପତି ୱାଇ. ସତ୍ୟନାରାୟଣ,ପୂର୍ବତନ ସଭାପତି ଜୟରାମ ଗରଡ଼ା ସହ ନିର୍ବାଚନ ଅଧିକାରୀ ତ୍ରିନାଥ ପଣ୍ଡା ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।

## ଡାକ୍ତରଖାନା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଦଶମନ୍ତପୁର, ୧୭।୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଗିର୍ଲିଗୁମା ପଞ୍ଚାୟତ ହରିଜନ ସାହିର ଜଣେ ବୃଦ୍ଧ ଛାତି ଯନ୍ତ୍ରଣାରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବେଳେ ଚିକିତ୍ସାଳୟର ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସବା ଖରା(୬୫)। ଗିର୍ଲିଗୁମା ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ସବାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସାନ ଭାଇ ନିମନ ଚନ୍ଦ୍ର ଖରା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସବା ରବିବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀ ନ ଥିବା ସାନ ଭାଇ ଚନ୍ଦ୍ର ଅଭିଯୋଗ କରିଛନ୍ତି। ପରେ ଫାର୍ମାସିଷ୍ଟଙ୍କୁ ଫୋନ କରି ଡାକିବାକୁ ଚେଷ୍ଟା କରିବାରୁ ସେ ବର୍ତ୍ତମାନ ଡାକ୍ତରଖାନା ଯାଇପାରିବି ନାହିଁ ବୋଲି ଉତ୍ତର ଦେଇଥିଲେ। ଏହାପରେ ସବାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗିର୍ଲିଗୁମା ଚିକିତ୍ସାଳୟରେ ସବାଙ୍କୁ ଚିକିତ୍ସା ମିଳିଥିଲେ ସେ ବଞ୍ଚି ପାରନ୍ତେ ବୋଲି ଚନ୍ଦ୍ର କହିଛନ୍ତି।

ଏ ସମ୍ପର୍କରେ ଗିର୍ଲିଗୁମା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡ. ଖୋସ ଖ୍ରୀଷ୍ଟ ଯୋହନଙ୍କୁ ପଚାରିବାରୁ କୌଣସି ଘରୋଇ କାମ ଥିବାରୁ ସେ ଛୁଟିରେ ଥିଲେ। ଏ ନେଇ ସେ ଜାଣି ନାହାଁନ୍ତି, କ'ଣ ପାଇଁ ଷ୍ଟାଫ୍ ମେଡିକାଲରେ ନ ଥିଲେ ପଚାରି ବୁଝିବି ବୋଲି କହିଛନ୍ତି। ଡାକ୍ତରଖାନାରେ ୮ ଜଣ ଷ୍ଟାଫ୍ ରହୁଥିବା ବେଳେ ରାତିରେ ଗିର୍ଲିଗୁମା ଭଳି ଦୁର୍ଗମ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ କହିଛନ୍ତି। ନିୟମିତ ଭାବେ ସ୍ୱାସ୍ଥ୍ୟ କର୍ମଚାରୀ ନ ରହିଲେ ଡାକ୍ତରଖାନାରେ ତାଲା ପଡିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଜିଲାରୁ କାମାକ୍ଷା ଯାତ୍ରା କଲେ ୧୬୭ ବରିଷ୍ଠ ନାଗରିକ



ତୀର୍ଥଯାତ୍ରାରେ ବାହାରିଥିବା ବରିଷ୍ଠ ନାଗରିକ।

କୋରାପୁଟ,୧୭।୨(ଅମିତାଭ ବେହେରା)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କୋରାପୁଟ ଜିଲାରୁ ଆସାମ କାମାକ୍ଷାକୁ ୧୬୭ ବରିଷ୍ଠ ନାଗରିକ ସୋମବାର ଯାତ୍ରା କରିଛନ୍ତି। କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ସବୁଜ ପତକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। କୋରାପୁଟ ଜିଲାର ୧୪ ବ୍ଲକ୍ ଓ ୪ ପୌରାଞ୍ଚଳରୁ ମୋଟ ୧୬୭ ବରିଷ୍ଠ ନାଗରିକ ସୋମବାର ରାୟଗଡା ଯାଇଛନ୍ତି। ସେଠାରୁ ମଙ୍ଗଳବାର ଟ୍ରେନ ଯୋଗେ କଲିକତା ଓ ପରେ ଅନ୍ୟ ଏକ ଟ୍ରେନରେ ଆସାମ ଯାଇ କାମାକ୍ଷା ମନ୍ଦିର ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଥମେ ପର୍ଯ୍ୟାୟରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା। ଜିଲାପାଳ ଭାସନ ସମସ୍ତ ତୀର୍ଥ ଯାତ୍ରୀଙ୍କୁ ଯାତ୍ରାର ଶୁଭକାମନା ଜଣାଇଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ଟଲିନା ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନିଷ୍ଠ ସହାୟକ ମନୋରଞ୍ଜନ ନାୟକ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ସୁନାବେଡ଼ା/ସେମିଳିଗୁଡ଼ା,୧୭।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

ସେମିଳିଗୁଡା ବ୍ଲକ୍ ପାକଖୋଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଏକ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ(ଜିପିଡିଓ) ଅଜିତ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରେ ସ୍ୱାସ୍ଥ୍ୟ, ଶିକ୍ଷା,ଗମନାଗମନ,ପାନୀୟଜଳ,ଲାଇଟ ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନ ସମ୍ପର୍କିତ ସମସ୍ୟା ଥିଲା। ପ୍ରଶାସନ ପକ୍ଷରୁ ବ୍ଲକ୍‌ର ବିଭାଗୀୟ ଅଧିକାରୀଙ୍କ ସହ ବ୍ଲକରେ କାର୍ଯ୍ୟରତ କେତେଜଣ ସହଯୋଗୀ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ବିପିସି ଆର୍.ଏଚ୍. ନିରାକର ଲମତା, ଆଇସିଡିଏସ୍ ସୁପରଭାଇଜର ଉମାରାଣୀ ଘୋଷ, ଆର୍ ଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ବଳରାମ ବେହେରା,ସେମିଳିଗୁଡା ବନାଞ୍ଚଳ ବିଭାଗର ନମିତା ଖରା,କୃଷି ବିଭାଗର ଏଓ ଆଲୋକ ପଣ୍ଡା, ଉଦ୍ୟାନ ବିଭାଗର ଏଚ୍‌ଓ ସମରା ହନ୍ତାଳ, ମୃତ୍ତିକା ସଂରକ୍ଷଣ ବିଭାଗର ମହିନ ହନ୍ତାଳ, ପାକ ଖୋଲା ସରପଞ୍ଚ ପଦ୍ମିନୀ ଅଳତୀୟା ଓ ପିଇଓ ସନ୍ଦୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ପାକଖୋଲା ପଞ୍ଚାୟତର ପାକ ଖୋଲା ଗାଁ ପଦଲାମ ଖରା ପଞ୍ଚାୟତ ବୈଠକକୁ ଲାଇନ ଡିପାର୍ଟମେଣ୍ଟର କୌଣସି ଅଧିକାରୀ ଆସୁ ନ ଥିବା କେତେଜଣ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଲୁଙ୍ଗୁରି ଗାଁ ଧର୍ମେନ୍ଦ୍ର କୁଦୁରିଆ ଗାଁରେ ସିସି ରୋଡ୍ ଏବଂ ଡ୍ରେନ ସମସ୍ୟା ଜଣାଇଥିଲେ। ତଳ ମାନିଆର ହରିଦିଶାରୀ ଗାଁ ମଶାଣି ଏବଂ ନିଶାଣି ମୁଣ୍ଡାରେ ବାଉଣ୍ଡାରି ଓ ମଣ୍ଡପ ନିର୍ମାଣ ନେଇ ଅଭିଯୋଗ କରିଥିଲେ। ଲୁଙ୍ଗୁରିର କୁଶ ଡୁମାରି ୨୦୨୦ରୁ ଫୁଟ୍‌ବେଲ ପଡ଼ିଆ ନିର୍ମାଣ ଅଧାପନ୍ତରିଆ ହୋଇପଡିବା,ଗୋଡ଼ା ଗାଡ଼ରେ ବ୍ରିଜ୍ ନିର୍ମାଣ, ସ୍କୁଲ ରୋଡ୍ ନିର୍ମାଣ ଏବଂ ଗାଁରୁ ୱାଇଡା ଅଫିସକୁ ରାସ୍ତା ନିର୍ମାଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଦାବିପତ୍ର ଦିଆଯାଇଥିଲେ ସୁଦ୍ଧା ପୂର୍ବ ଅବସ୍ଥାରେ ଥିବା ଦାବିପତ୍ରରେ ଦର୍ଶାଇଛନ୍ତି। ତଳ ସାହିରେ ସିସି ରୋଡ୍ ନିର୍ମାଣ, ନିଶାଣିମୁଣ୍ଡାର ପୁନରୁଦ୍ଧାର ଏବଂ ପେଭର ବ୍ଲକ୍ ନିର୍ମାଣ ଏମ୍. ଦଳେଇଗୁଡ଼ାର ଦଶରଥ ହନ୍ତାଳଙ୍କ ଅଭିଯୋଗ ରହିଥିଲା। ଶୁଣାଣିରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ଥିବା ବେଳେ ଅନେକ ସମୟରେ ବହୁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିଲେ। ଫଳରେ ବିଭାଗଗୁଡିକର ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ନେଇ ଅସନ୍ତୋଷ ଦେଖାଦେଉଛି।

## ମହିଳାଙ୍କଠାରୁ ମଙ୍ଗଳସୂତ୍ର ଝାମ୍ପିନେଲେ ଦୁର୍ବୃତ୍ତ

ବୈପାରିଗୁଡ଼ା, ୧୭।୨(କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା ୟୁକୋ ବ୍ୟାଙ୍କ ସାମ୍ନାରେ କେତେଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଝାମ୍ପି ନେଇଥିବା ଜଣାପଡ଼ିଛି। ମାଲକାନଗିରି ଜିଲା ଅନ୍ତର୍ଗତ ବାଲିମେଳା ସହର ବାସିନ୍ଦା ମନୋରମା ମହାନ୍ତି(୫୫) ସ୍ୱାମୀଙ୍କ ସହ ଝିଅ ଘର ବୈପାରିଗୁଡାକୁ ଆସିଥିଲେ। ସୋମବାର ସକାଳୁ ନିଜ ଘରକୁ ଫେରିବା ପାଇଁ ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ମୁଖ୍ୟ ଛକରୁ ଅଳ୍ପ ଦୂରରେ ସ୍ଥାନୀୟ ଉତ୍କଳ ବ୍ୟାଙ୍କ ସାମ୍ନାରେ ମୁଖା ପିନ୍ଧିଥିବା ୩ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଆସି ମନୋରମାଙ୍କ ନିକଟରେ ଅଟକିଯାଇଥିଲେ। ସେ କିଛି ବୁଝିବା ପୂର୍ବରୁ ଜଣେ ଦୁର୍ବୃତ୍ତ ୧ ଭରିର ସୁନା ମଙ୍ଗଳସୂତ୍ର ଛଡାଇନେଇ ଫେରାର ହୋଇଯାଇଥିଲେ। ଏହି ଦୃଶ୍ୟ ନିକଟରେ ଥିବା ସିସିଟିଭିରେ ରେକର୍ଡିଂ ହୋଇଥିବା ଜଣାପଡ଼ିଛି। ଏ ନେଇ ମନୋରମା ବୈପାରିଗୁଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ନଂ. ୪୨/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ କହିଛନ୍ତି। ସିସିଟିଭି ଫୁଟେଜ୍‌ରେ ଚିତ୍ର ଅସ୍ପଷ୍ଟ ଥିବାରୁ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାରେ ସମସ୍ୟା ହେଉଥିବା ଜଣାପଡିଛି।

## ଶର୍ଟସର୍କିଟରେ ଜଳିଗଲା କାର୍

ଦାମନଯୋଡି,୧୭।୨
(ମାନସ ରଞ୍ଜନ କର)



ସିଆଇଏସ୍‌ଏଫ ଅଗ୍ନିଶମ ଯବାନମାନେ ନିଆଁ ଲିଭାଉଛନ୍ତି।

କୋରାପୁଟ ଜିଲା ଦାମନଯୋଡ଼ି ନାଲକୋ ଟାଉନସିପ୍ ସେକ୍ଟର-୨ର କ୍ୱାର୍ଟର ନଂ-ବି/୩୯୫ ସମ୍ମୁଖରେ ଥିବା ଏକ କାର୍‌ରେ ରବିବାର ସନ୍ଧ୍ୟାରେ ନିଆଁଲାଗି ଜଳିଯାଇଛି। ତେବେ ସିଆଇଏସ୍‌ଏଫ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁଯାୟୀ, ସନ୍ତୋଷ କୁମାର ମିଶ୍ର ନିଜ କାର୍ (ଓଡି-୩୩ଜି-୨୩୮୯)କୁ କ୍ୱାଟର ଆଗରେ ରଖିଥିଲେ। ରବିବାର ସନ୍ଧ୍ୟା ୬ଟା ୨୦ରେ ହଠାତ କାର୍ ଜଳି ଉଠିଥିଲା। ସଙ୍ଗେ ସଙ୍ଗେ ଗାଡ଼ି ମାଲିକ ସନ୍ତୋଷ ସିଆଇଏସ୍‌ଏଫ ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଜଣାଇଥିଲେ। ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ (ଅଗ୍ନିଶମ) ନରେନ୍ଦ୍ର ସିଂହଙ୍କ ନେତୃତ୍ୱରେ କର୍ତାର ସିଂ, ପ୍ରମୋଦ ସାହୁ, ନିହାର ରଞ୍ଜନ ପଣ୍ଡା, ଜେ.ତୁଳସୀରାମ, ଅଭିଜିତ ରାଠୋର, ଭାଗିରଥୀ ସ୍ୱାଇଁ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାର ଇଞ୍ଜିନରେ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି।

## ସ୍କୁଲରୁ ଲୁଚି ପଳାଇଲେ ୩ ଛାତ୍ର

ପାପଡ଼ାହାଣ୍ଡି, ୧୭।୨ (ସ୍ୱପ୍ନଜିତ ପଟ୍ଟନାୟକ)

ଉପର ଶ୍ରେଣୀ ପିଲା ବାଡ଼ାଉଥିବା ଅଭିଯୋଗ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗାଦବାକତରା ସରକାରୀ ଆଶ୍ରମ ବିଦ୍ୟାଳୟର ୩ ଜଣ ଛାତ୍ର ସୋମବାର ସ୍କୁଲ ପାଚେରି ଡେଇଁ ପଳାଇଥିବା ଅଭିଯୋଗ ହୋଇଛି। ସ୍କୁଲରେ ନିର୍ଯ୍ୟାତନା ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଅବଗତ ହୋଇ ପିଲାମାନଙ୍କୁ ବୁଝାଶୁଝା କରି ଫେରାଇ ଆଣିଛନ୍ତି।

ସୂଚନାନୁଯାୟୀ, ଆଶ୍ରମ ହଷ୍ଟେଲରେ ରହି ତୃତୀୟ ଶ୍ରେଣୀରେ ପଢୁଥିବା ଝରିଗାଁ ବ୍ଲକ ନୂଆଗୁଡା ଗ୍ରାମର ଲଛମନ ମୁଦୁଲି, ରିଙ୍କୁ ମୁଦୁଲି ଓ ଧନପତି ମୁଦୁଲି ସୋମବାର ସକାଳ ୮ଟାରେ ସ୍କୁଲ ପାଚେରୀ ଡେଇଁ ଲୁଚି ପଳାଇ ଆସିଥିଲେ। ଜମି, ନଦୀ ଡେଇଁ ପ୍ରାୟ ୧୫ କିମି ବାଟ ଚାଲିଥିଲେ। କୌଣସି କାମରେ ଧନପତିଙ୍କ ବାପା ମଇଦଲପୁର ଆସି ଫେରୁଥିବା ସମୟରେ ପିଲାମାନଙ୍କୁ ମାଝୀଗୁଡା ନିକଟସ୍ଥ ଜଙ୍ଗଲରେ ଦେଖିଥିଲେ। ସ୍କୁଲରୁ ପଳାଇ ଆସିବାର କାରଣ ସେ ପଚାରିଥିଲେ। ଉପର ଶ୍ରେଣୀର ପିଲାମାନେ ବାଡ଼ଉ ଥିବା ଲଛମନ, ରିଙ୍କୁ ଓ ଧନପତି ଅଭିଯୋଗ କରିଥିଲେ। ଧନପତିଙ୍କ ବାପା ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବାବେଳେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମଜୁମ୍‌ଦାର ମଧ୍ୟ ସେଠାରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରି ସ୍କୁଲକୁ ଆଣିଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସ୍ୱଚ୍ଛତାକୁ ନେଇ ବଡ଼ ପିଲାମାନେ କେତେବେଳେ ଛାତ୍ରମାନଙ୍କୁ ପାଟି କରିଥାଇ ପାରନ୍ତି। ଏଥିପାଇଁ ଏକ ଛୋଟ ପାଚେରି ଡେଉଁ ସେମାନେ ପଳାଇଥିଲେ। ପିଲାମାନଙ୍କୁ ଫେରାଇ ଅଣାଯାଇଛି। ଏବେ ସବୁ ଠିକ୍ ଥିବା ସେ କହିଛନ୍ତି। ଘଟଣା ସମ୍ପର୍କରେ ବ୍ଲକ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡ଼ାଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

DSPL - 388

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

**ସୂଚନା**

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଚଳିତ ବର୍ଷ ତା.୧୮.୦୨.୨୦୨୫ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତା ଅବଲମ୍ବନ କରିବା ପାଇଁ ପରିଷଦ ସମସ୍ତ ପ୍ରକାର ଆୟୋଜନ କରିଛି । ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମ୍ବନ୍ଧୀୟ ବିଭ୍ରାନ୍ତିକର, କପୋଳକଳ୍ପିତ, ମିଥ୍ୟା ଖବର ପ୍ରଚାର କରୁଥିବା ବ୍ୟକ୍ତି, ଅନୁଷ୍ଠାନମାନଙ୍କୁ ଏପରି ନ କରିବାକୁ ସତର୍କ କରାଇ ଦିଆଯାଉଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ଶୁଭଶ୍ରୀ ନନ୍ଦ, ଅଧ୍ୟକ୍ଷା

OIPR-11003/13/0016/2425

# ୩୧ ଅଭିଯୋଗ ଶୁଣିଲେ ଜିଲାପାଳ

ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

କୋରାପୁଟ,୧୭।୨(ଅମିତାଭ ବେହେରା)



ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ଓ ଏସ୍‌ପି ରୋହିତ ବର୍ମା ୩୧ ଅଭିଯୋଗ ଶୁଣିଥିଲେ। ୪ଟି ବ୍ୟକ୍ତିଗତ ଓ ୨୭ଟି ଦଳଗତ ଅଭିଯୋଗ ରହିଥିଲା। ବିଦ୍ୟୁତ୍, ପାନୀୟ ଜଳ, ଯୋଗାଯୋଗ ଓ ବିଭିନ୍ନ ସମସ୍ୟା ରହିଥିଲା। ଶୁଣାଣିରେ ୧୫ ଅଭିଯୋଗର ସମାଧାନ କରାଯାଇଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବରୋଦା କାନ୍ତ ମିଶ୍ର,କୋରାପୁଟ ତହସିଲଦାର ତଥା ପୌର ପରିଷଦ ନିର୍ବାହୀ ଅଧିକାରୀ ସୟଦ ସବିର ସାହା, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ,ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୋମର୍ଜନୀ ସେଠୀ,ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଓ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।କୋରାପୁଟ ବିଡିଓ ଦେବାଶିଷ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାୟଗଡ଼ା-ବିଜୟନଗରମ୍ ସେକ୍ସନର ନିରାପତ୍ତା ଯାଞ୍ଚକଲେ ଜିଏମ୍

**ରାୟଗଡ଼ା,୧୭।୨(ଆଶିଷ ରଞ୍ଜନ ପଣ୍ଡା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲା ସୋମବାର ରାୟଗଡ଼ା -ବିଜୟନଗରମ ସେକ୍ସନର ସମସ୍ତ ପ୍ରକାର ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ୱାଲଟିୟର ଡିଭିଜନ ଡିଆର୍ଏମ୍ ମନୋଜ କୁମାର ସାହୁ ଏବଂ ରାୟଗଡା ଡିଆର୍ଏମ୍ ଅମିତାଭ ସିଂଘଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜିଏମ୍ ଫୁଙ୍କୱାଲା ବିଭିନ୍ନ ପ୍ରକାର ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ଯାଞ୍ଚ ସମୟରେ ରାୟଗଡ଼ା ଷ୍ଟେଶନରେ ସୁରକ୍ଷା ମାନଦଣ୍ଡ, ସୁବିଧା ଏବଂ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଜିଏମ୍ ଫୁଙ୍କୱାଲା ରାୟଗଡାସ୍ଥିତ ରେଳ କଲୋନି ପରିଦର୍ଶନକରି



ଜିଏମ୍ ପରମେଶ୍ୱର ଫୁଙ୍କୱାଲା ଏବଂ ଅନ୍ୟ ଅଧିକାରୀମାନେ ରାୟଗଡ଼ା ରେଳ ଷ୍ଟେଶନରେ ସ୍ଥିତି ଯାଞ୍ଚ କରୁଛନ୍ତି।

ସେଠାକାର ବାସିନ୍ଦାଙ୍କ ଆବଶ୍ୟକତା ପଚାରି ବୁଝିଥିଲେ । ତତ୍‌ସହିତ କଲୋନିରେ ନୂତନ ଭାବରେ ବିକଶିତ ପାର୍କର ମଧ ସମୀକ୍ଷା କରିଥିଲେ। ରାୟଗଡ଼ା ଷ୍ଟେଶନରେ ସର୍କୁଲେଟିଂ ଏରିଆ, ରିଟାୟାରିଂ ରୁମ୍, କ୍ରୁ ଲବି, ରିଲେ ରୁମ୍, ବିଶ୍ରମାଗାର, ଫୁଡ୍ କୋର୍ଟ, ବୁକିଂ ଏବଂ ପାର୍ସଲ ଅଫିସ୍, ରନିଂ ରୁମ୍, ଟ୍ରାକ୍ସନ୍ ଡିପୋ, ଦୁର୍ଘଟଣା ରିଲିଫ୍ ଟ୍ରେନ

## ବିଭିନ୍ନ ନିରାପତ୍ତା ବ୍ୟବସ୍ଥାର ସମୀକ୍ଷାକଲେ

ଏବଂ ମେଡିକାଲ୍ ଇକ୍ୟୁପମେଣ୍ଟ ଭ୍ୟାନ୍, ଟ୍ରାକ୍ସନ୍ ସବ୍‌ଷ୍ଟେଶନ ଭ୍ରମଣ କରି ସ୍ଥିତି ଯାଞ୍ଚ କରିଥିଲେ । ଏଥିସହ ଜିଏମ ଫଙ୍କୱାଲ ଜରୁରିକାଳୀନ ଚିକିତ୍ସା ଗୃହର ଉଦ୍‌ଘାଟନ କରିଥିଲେ। ସମସ୍ତ ଯାତ୍ରୀଙ୍କ ପାଇଁ ଜରୁରିକାଳୀନ ଚିକିତ୍ସା ଯୋଗାଇବା ପାଇଁ ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାରାମେଡିକ୍ସ ଏବଂ ଡାକ୍ତରଙ୍କ ୨୪ ଘଣ୍ଟା ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଏମ୍ ଫୁଙ୍କୱାଲା ରାୟଗଡା ଡିଭିଜନ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ଅସ୍ଥାୟୀ କାର୍ଯ୍ୟାଳୟକୁ ମଧ ଉଦ୍‌ଘାଟନ କରିଥିଲେ।

# ବାଲ୍ୟବିବାହ ନିରୋଧୀ ସଚେତନତା ଅଭିଯାନ




ବାଲ୍ୟବିବାହ ବିରୋଧରେ ସଚେତନତାମୂଳକ ଶୋଭାଯାତ୍ରା।

**ରାୟଗଡ଼ା,୧୭।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ବ୍ଲକ୍ ଜପାଖାଲ ଗ୍ରାମରେ ବାଲ୍ୟବିବାହ ରୋକିବା ନେଇ ବିକଳ୍ପ ପକ୍ଷରୁ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିକଳ୍ପର ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଚେତନତା ଅଭାବରୁ ରାଜ୍ୟରେ ରାୟଗଡ଼ା ଜିଲାରେ ଅଧିକ ପରିମାଣରେ ବାଲ୍ୟବିବାହ ହେଉଥିବାରୁ ଏହା ଆମ ସମାଜ ପାଇଁ ଚିନ୍ତାଜନକ। ଏ ଦିଗରେ ସମସ୍ତେ ମିଳିମିଶି ବାଲ୍ୟ ବିବାହ ପ୍ରଥାକୁ ଦୂରକରିବାକୁ ପଡିବ ବୋଲି ଡ.ମହାନ୍ତି କହିଛନ୍ତି । ଶିକ୍ଷକ ତଥା ସାହିତ୍ୟିକ ଡ ଦ୍ୱିତୀଚନ୍ଦ୍ର ସାହୁ ବାଲ୍ୟ ବିବାହ ରୋକିବାକୁ ଆମ ଦେଶରେ ଥିବା ଆଇନ ବ୍ୟବସ୍ଥା, ବିବାହର ବୟସ ସୀମା ସହ ବାଲ୍ୟବିବାହ ନିରୋଧୀ ବିବିଧ ପଦକ୍ଷେପ ନେଇ ଗ୍ରାମବାସୀଙ୍କୁ ବୁଝାଇଥିଲେ। ବାଲ୍ୟ ବିବାହ ଦ୍ୱାରା ପରବର୍ତ୍ତୀ ସମୟରେ ହେଉଥିବା ଶାରୀରିକ ସମସ୍ୟା ସମ୍ପର୍କରେ ବାବୁଲାଲ ଗନ୍ତାୟତ ଅବଗତ କରାଇଥିଲେ। ଗ୍ରାମର କିଶୋର କିଶୋରୀଙ୍କୁ ନେଇ ବାଲ୍ୟବିବାହ ବିରୋଧରେ ସଚେତନତାମୂଳକ ଏକ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରିବା ସହ ଘର ଘର ବୁଲି ସଚେତନତା କରାଯାଇଥିଲା । ଆଗକୁ ବିକଳ୍ପ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ବିକଳ୍ପର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିକଳ୍ପ ପରିବାରର ସଦସ୍ୟ ଡ. ବିନୋଦ କୁମାର ପାତ୍ର, ଡ.ଅର୍ଚ୍ଚନା ପଟ୍ଟନାୟକ, ବିରବାବୁ, ମନ୍ମଥ ତୁଳ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜା କରାଯାଉଛି।

**ରାୟଗଡ଼ା,୧୭।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ପିଏଚ୍‌ଡ଼ି ରୋଡସ୍ଥିତ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଗଞ୍ଜାମ ଜିଲାର ପଣ୍ଡିତ ନୀଳମାଧବ ତ୍ରିପାଠୀ, ରାୟଗଡ଼ାର ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସଙ୍କ ସହ ବିଭିନ୍ନ ପଣ୍ଡିତ ତଥା ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ରାୟଗଡ଼ା ଜିଲାର ସର୍ବ ପୂରାତନ ବାଲୁଙ୍କେଶ୍ୱର ମହାଦେବଙ୍କ ଏହି କାର୍ଯ୍ୟକ୍ରମରେ ସମସ୍ତ ଭକ୍ତ ସପରିବାର ଯୋଗଦାନ କରି ମହାଦେବଙ୍କ ଆଶୀର୍ବାଦ ଲାଭ କରିବା ସହ, ଆର୍ଥିକ ସହଯୋଗ ଓ ସେବା କାର୍ଯ୍ୟରେ ଯୋଗ ଦେବାକୁ ମନ୍ଦିର

## ୨୪ରୁ ୨ ଯାଏଁ ହେବ ବିଶ୍ୱ ଶାନ୍ତି ତ୍ରୟମ୍ବକ ମହାଯଜ୍ଞ

ପରିଚାଳନା କମିଟି ସଭାପତି ସୁନୀଲ ଚନ୍ଦ୍ର ପଣ୍ଡା ଅନୁରୋଧ କରିଛନ୍ତି । ତେବେ ଫେବୃଆରୀ ୨୪ରୁ ମାର୍ଚ୍ଚ ୨ ତାରିଖ ଯାଏଁ ହେବାକୁ ଥିବା ବିଶ୍ୱଶାନ୍ତି ତ୍ରୟମ୍ବକ ମହାଯଜ୍ଞ ସହ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ, ମହାଶିବରାତ୍ରି କାର୍ଯ୍ୟକ୍ରମ ଓ ତିନି ଦିନାତ୍ମକ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପୂଜକ ପ୍ରଦୀପ ରଣା, ମନୋଜ ମିଶ୍ର, ଅଜୟ ରଥ, ରଞ୍ଜନ ରଥ, ଗୋପ ରଞ୍ଜନ ବକ୍ସିପାତ୍ର, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁର ବ୍ଲକ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍

## ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଧ୍ୟାନକଲେ

**ପଦ୍ମପୁର,୧୭।୨(ପ୍ରଶାନ୍ତ କୁମାର କର)**

ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଫାଇଲେରିଆ ନିରାକରଣ ଅଭିଯାନ ଜାରି ରହିଥିବା ବେଳେ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଆସି ବିଭିନ୍ନ ସ୍ଥାନରେ ଅନୁଧ୍ୟାନ କରି ସନ୍ତୋଷବ୍ୟକ୍ତ କରିଛନ୍ତି। ଉକ୍ତ ଟିମ୍‌ରେ ରାଜ୍ୟ ସ୍କୁଲ ସ୍ୱାସ୍ଥ୍ୟ ସଂଯୋଜକ ପ୍ରଶାନ୍ତ କୁମାର ଦାସ, ଜିଲା ଆର୍‌ବିଏସ୍‌କେ ପ୍ରୋଗ୍ରାମ ମ୍ୟାନେଜର ବାସୁଦେବ ରଥ, ଜିଲା ଡିଏମ୍‌ଆର୍‌ସିଏଚ୍ ଭଗବାନ ମେହେର, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଋତୁପର୍ଣ୍ଣା ପଟ୍ଟନାୟକ, ସଂକ୍ରାମକ ରୋଗ ନିୟନ୍ତ୍ରକ ଅଫିସର ଜୟଦେବ ଲିମାଲପୁରି ପ୍ରମୁଖ ବିଭିନ୍ନ ସ୍ଥାନ ଗସ୍ତକରି ପରିସ୍ଥିତି ଅନୁଧ୍ୟାନ



ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଧ୍ୟାନ କରୁଛନ୍ତି।

କରିଥିଲେ। ପଦ୍ମପୁର ବ୍ଲକ୍‌ର ଖିଲାମଣ୍ଡା ହାଇସ୍କୁଲ, ଲାଡଗୁଡା ଅଙ୍ଗନୱାଡି କେନ୍ଦ୍ର ଓ ଜୁମୁରୁଗୁଡ଼ା-୨ ଅଙ୍ଗନୱାଡି କେନ୍ଦ୍ର ଓ ଉପରଜୁମୁରୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନକରି ତଦାରଖ କରିଛନ୍ତି। ସେମାନଙ୍କ ସୂଚନା ପ୍ରକାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ସଂଖ୍ୟକ ଲୋକ ଫାଇଲେରିଆ ନିରାକରଣ ବଟିକା ସେବନ କରିଥିବା ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ସଦସ୍ୟ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକ୍‌ରେ ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ଫାଇଲେରିଆ ନିରାକରଣ ଅଭିଯାନ ଜାରି ରହିଛି। ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନେ ବ୍ଲକ୍‌ର ୧୩ଟି ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ଏବଂ ଘର ଘର ବୁଲି ଲୋକଙ୍କୁ ଫାଇଲେରିଆ ନିରାକରଣ ଔଷଧ ସେବନ କରାଉଛନ୍ତି।

# ଗ୍ରାମାଞ୍ଚଳରେ ଶ୍ରମିକଙ୍କୁ ସଚେତନ କରୁଛି ରଥ

**କୋରୁକୋଣ୍ଡା,୧୭।୨ (ଶିବଦତ୍ତ ସାହୁ )**

ଓଡିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଶ୍ରମିକ ସଚେତନତା ରଥ ଗ୍ରାମାଞ୍ଚଳରେ ପରିଭ୍ରମଣ କରି ଶ୍ରମିକଙ୍କୁ ସେମାନଙ୍କ ଅଧିକାର ଏବଂ ଆଇନ ସମ୍ପର୍କରେ ସଚେତନ କରାଉଥିବା ଦେଖିବାକୁ ମିଳିଛି। ସୋମବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନରେ




ଶ୍ରମିକ ସଚେତନତା ରଥ ଗ୍ରାମାଞ୍ଚଳରେ ବୁଲୁଛି।

ଥିବା ବିଭିନ୍ନ ପଞ୍ଚାୟତ ସଦର ସମେତ ଗ୍ରାମଗୁଡିକରେ ରଥ ବୁଲି ଶ୍ରମିକମାନଙ୍କୁ ସଚେତନ କରୁଛି। ମାଲକାନଗିରି ଜିଲାରେ ଦାଦନ ସଂଖ୍ୟା ବଢିବାରେ ଲାଗିଛି। ଜିଲାର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ସହିତ ବିଭିନ୍ନ ରାଜ୍ୟକୁ ଜିଲାରୁ ବହୁ ଶ୍ରମିକ କାମ ଅନ୍ୱେଷଣରେ ଯାଇ ନାହିଁ ନ ଥିବାଅସୁବିଧାର ସମ୍ମୁଖୀନ ହେଉଥିବା ବହୁ ନଜିର ରହିଛି । ଏଣୁ ଶ୍ରମ ବିଭାଗ ତରଫରୁ ଏକ ଶ୍ରମ ସଚେତନତା ରଥ ପରିଭ୍ରମଣ କରି ଶ୍ରମିକ ଶ୍ରେଣୀର ଲୋକଙ୍କୁ ସଚେତନତା କରାଇବା ସହିତ ଶିଶୁ ଶ୍ରମିକଙ୍କୁ ବିଭିନ୍ନ କାମରେ ନିୟୋଜିତ କରିଲେ ବିଭିନ୍ନ ଦଣ୍ଡ ବିଧାନ ରହିଥିବା ବୁଝାଇଥିଲା। ଯଦି କୌଣସି ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି ସେମାନେ ଠିକାଦାରଙ୍କ ନଥିପତ୍ର ଅନୁଧ୍ୟାନ କରିବା ସହିତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟକୁ ଜଣାଇବାକୁ ସଚେତନ କରାଯାଇଥିଲା।

# ଟେଣ୍ଡର ଆହ୍ୱାନ, ପରିମଳ ବ୍ୟବସ୍ଥା ନେଇ ଆଲୋଚନା

**ଉମରକୋଟ, ୧୭।୨(ସନ୍ତୋଷ ଶତପଥୀ)**

ଉମରକୋଟ ପୌରପରିଷଦ କାଉନସିଲରମାନେ ସୋମବାର ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କୁ ଭେଟିଛନ୍ତି। ସେମାନେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ, ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରିବା ଦିଗରେ କାର୍ଯ୍ୟ କରିବା ନେଇ ନିବେଦନ କରିଥିଲେ। ଏଥିସହ ସହର ପରିମଳ ଉପରେ ବିଶେଷ ଧ୍ୟାନ ଦେବାକୁ ମଧ କାଉନସିଲରମାନେ ଅନୁରୋଧ କରିଥିଲେ। ଦୀର୍ଘ ଦିନ ପରେ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ପୌର ପରିଷଦକୁ ମିଳିଥିବାରୁ କାଉନସିଲରମାନେ ଖୁସି ବ୍ୟକ୍ତ କରିଛନ୍ତି। ଏହି ସାକ୍ଷାତ ସମୟରେ କାଉନ୍‌ସିଲର ତପନ ଦେବନାଥ, ସାଇ ନାରାୟଣ ପାଢ଼ୀ, ମନୋଜ ନାୟକ, ଚିତ୍ତରଞ୍ଜନ

## ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ କାଉନସିଲର

ପାତ୍ର, ନେତ୍ର ହରିଜନ, ସରୋଜିନୀ ଶବର, ନିଲମ ହରିଜନ, ଚିନ୍ମୟୀ ଠାକୁର, ଇତିଶ୍ରୀ ଦଳେଇ, ଶିଖାରାଣୀ ସରକାର, ରେବା ମଣ୍ଡଳ ଓ କନକଲତା ନାୟକଙ୍କ ସହ ମୁନା ପାଢ଼ୀ ଉପସ୍ଥିତ ଥିଲେ।



ନୂତନ ପୌର ନିର୍ବାହୀ ଅଧିକାରୀଙ୍କ ସହ କାଉନ୍‌ସିଲରମାନେ।

# ହୁତୁହୁତୁ ହୋଇ ଜଳିଲା ଜଙ୍ଗଲ

**କୋରୁକୋଣ୍ଡା,୧୭।୨(ଶିବଦତ୍ତ ସାହୁ )**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ପୋଟ୍ରେଲ ପଞ୍ଚାୟତ କ୍ରଶର ନିକଟରେ ଥିବା ପାହାଡ଼ରେ ସନ୍ଧ୍ୟାରେ କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇଦେବା କାରଣରୁ ନିଆଁ ଚାରିଆଡେ

## ନିଆଁକୁ ଆୟତ୍ତକଲେ ବନ କର୍ମଚାରୀ

ବ୍ୟାପିଯାଇଥିଲା। ବହୁ ଜୋରରେ ନିଆଁ ଜଳୁଥିବା ବେଳେ ଏହାର ଆଲୋକ



ପୋଟ୍ରେଲ ପଞ୍ଚାୟତର କ୍ରଶର ନିକଟରେ ଥିବା ଜଙ୍ଗଲରେ ନିଆଁ ଜଳୁଛି।

ବହୁ ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବାଲିମେଳା ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇବା ସଙ୍ଗେ ସଙ୍ଗେ ବନପାଳ ମୋହନ ଗୁଡିଆଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପ୍ରଚେଷ୍ଟା ପରେ ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲା।

# ନିଆଁଲାଗି ଜଳିଗଲା ଟ୍ରାନ୍ସଫର୍ମର

**ନବରଙ୍ଗପୁର,୧୭।୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହର ସ୍ଥିତ ଚାଇନା ମାର୍କେଟ ଗୋରାମୁଣ୍ଡା ପୋଖରୀ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗିଯାଇଛି। ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଟ୍ରାନ୍ସଫର୍ମର ଭିତର ଥିବା ତେଲ ଯୋଗୁ ଅଳ୍ପ ସମୟ ଭିତରେ ନିଆଁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥଲେ। ଅଗ୍ନିଶମ ବାହିନୀର ୨ଟି ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ସୋମନାଥପୁରରେ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୋରୁକୋଣ୍ଡା,୧୭।୨(ଶିବଦତ୍ତ ସାହୁ )**

କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁରଠାରେ ନବନିର୍ମିତ ଶିବ ମନ୍ଦିରର (ସୋମନାଥେଶ୍ୱର) ପ୍ରତିଷ୍ଠା ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲାର ପ୍ରସିଦ୍ଧ ପଣ୍ଡିତ କହ୍ନେଇ ସତପଥୀ, ଯଜ୍ଞ ନାରାୟଣ ପାତ୍ର, ହୃଷୀକେଶ ପାଢ଼ୀ, ହରେକୃଷ୍ଣ ମିଶ୍ର, ହରିହର ଦାସ, ଡମ୍ବରୁଧର ପାଢ଼ୀ ଓ ରାମଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ଗଙ୍ଗା ପୂଜନ ଓ କଳସ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ସୋମନାଥପୁର ଓ ଏହାର ଆଖପାଖ ଗାଁର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ନିକଟସ୍ଥ ନଦୀରୁ ଜଳ ଆଣି ମୁଣ୍ଡରେ କଳସ ଧରି ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରି ଶେଷରେ ପ୍ରତିଷ୍ଠାସ୍ଥଳ ଯଜ୍ଞକୁଣ୍ଡ ନିକଟରେ ସ୍ଥାପିତ କରିଥିଲେ। ପରେ ନିତି ଶାସ୍ତ୍ର ଅନୁଯାୟୀ ପଣ୍ଡିତମାନେ ଉକ୍ତ ଯଜ୍ଞ ବେଦୀରେ ବନଯାଗ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଡମ୍ବରୁ ଶିସା, ମନ୍ଦିର କମିଟି ସଭାପତି ବଳରାମ ସ୍ୱାଇଁ, ମୁଖ୍ୟ ଉଦ୍ୟୋକ୍ତା କିଶୋର ଚନ୍ଦ୍ର ପ୍ରଧାନ, ମନ୍ଦିର ପୂଜାରୀ ଆଦୁ ମାଝୀ, ସିରିପେଟା ଜଗନ୍ନାଥ ମନ୍ଦିର ପୂଜାରୀ ବିଜୟାନନ୍ଦ ପଣ୍ଡା, ସମାଜସେବୀ ଅଜୟ କୁମାର ପଟ୍ଟନାୟକ, ବାସୁଦେବ ଲେଙ୍କା,ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ମନ୍ଦିର ଉପଦେଷ୍ଟା ସଦସ୍ୟ ବଳରାମ ଚାଲାଣ,ମଦନ ସୁଆବି, ରବୀନ୍ଦ୍ର ମାଝୀ, ଭଗବାନ ସ୍ୱାଇଁ, ମଙ୍ଗୁ ମାଝୀ, ଗୁରୁଦେବ ରୁମୁଡା, ବୁଦ୍ଧଦେବ ଚାଲାଣ, ଡମ୍ବରୁ ରୁମଡା, ଶ୍ରୀକାନ୍ତ ପାଢ଼ୀ, ମଙ୍ଗଳା ସୁଆବୀ, ଶତ୍ରୁଘ୍ନ ସ୍ୱାଇଁ, କୃଷ୍ଣ ମାଝୀ, ସନୁ ଖିଲ,ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଉତ୍ସବ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଯେଉଁଥିରେ ପ୍ରତ୍ୟେକ ଦିନ ଅନ୍ନଯଜ୍ଞ, ନାମଯଜ୍ଞ ଓ ଘୃତଯଜ୍ଞ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟିର ସମ୍ପାଦକ ବଳରାମ ଚାଲାଣ ମତପୋଷଣ କରିଛନ୍ତି ।



ସୋମନାଥେଶ୍ୱର ମନ୍ଦିର ସମ୍ମୁଖରେ ସଙ୍କୀର୍ତ୍ତନ କରାଯାଉଛି।

# ୫୯ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

**ମୁନିଗୁଡା,୧୭।୨ (ନନ୍ଦ କିଶୋର ପଟ୍ଟନାୟକ)**

ଜିଲା ପ୍ରଶାସନ ତରଫରୁ ମୁନିଗୁଡ଼ାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟୱାରିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ମୋଟ ୫୯ ଅଭିଯୋଗ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ଓ ୪ ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ବନଖଣ୍ଡ ଅଧିକାରୀ ଆନ୍ନା ସାହେବ ଓହୋଲେ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ମୁନିଗୁଡ଼ା ବ୍ଲକ୍ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ୍ରୁକା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗର



ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ତୁରନ୍ତ ସମାଧାନ ନିମନ୍ତେ ପ୍ରକୋଷ୍ଠରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଶିବିରରେ ବିଶେଷକରି ଆବାସ ଯୋଜନାରେ ଘର, ଭତ୍ତା, କୃଷି ସମସ୍ୟା, ଜଳସେଚନ, ଅଙ୍ଗନୱାଡି ଗୃହ ନିର୍ମାଣ, ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଭିଯୋଗ ଶୁଣାଣି ଅଧିକାରୀ ସୁସ୍ମିତା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ଜରୁରିକାଳୀନ ଅଧିକାରୀ ଚିନ୍ମୟ ମହାନନ୍ଦ, ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲା ଦକ୍ଷତା ବିକାଶ ତଥା କର୍ମନିଯୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଥାନା

## ମୁନିଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି

ଅଧିକାରୀ ସୌଦାମିନୀ ବେହେରା, ତହସିଲଦାର ଏମ୍.ଅନୁରାଧା, ରେଞ୍ଜର ଅନୀଲ କୁମାର ବାଲା,ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, କ୍ଷୁଦ୍ର ଜଳ ସେଚନ ଅଧିକାରୀ ଦିଲୀପ କୁମାର ମିଶ୍ର, କୃଷି ଜିଲା ଅଧିକାରୀ ଚିତ୍ତରଞ୍ଜନ ଶତପଥୀ, ବିଇଓ ଭି.ଭାସ୍କର ରାଓ, ସିଡିପିଓ ଡାଲିମ୍ବ ନାୟକଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ୍ ଯନ୍ତ୍ରୀ ଅଶୋକ କୁମାର ପାତ୍ର, ପ୍ରମୋଦ କୁମାର ପରିଡ଼ା, ଗୌରୀଶ୍ୟାମ ନାୟକ, ସନ୍ଧ୍ୟାରାଣୀ ମଲ୍ଲିକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଜିପିଇଓ ମନୋରଞ୍ଜନ ବେହେରା, ରମେଶ ମିଞ୍ଜ, କଳ୍ପନା ସାହୁ, ସୁରଜ ମଲିକ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।

